# NATIONAL NEWS BULLETIN (ODIA)

**6 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ରଣନୈତିକ ସହଭାଗିତା ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଗସ୍ତ ଆରମ୍ଭ କଲେ ପ୍ରଧାନମନ୍ତ୍ରୀ

- ୩ଟି ରାଜ୍ୟର ୩ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି

- ସମବାୟ କ୍ଷେତ୍ର ଦେଶର କୋଟିକୋଟି ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ଆଗାମୀ ରଥଯାତ୍ରାରେ ଚଳାଚଳ କରିବ ୩୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍

ଏବଂ

- ଫିଫା ବିଶ୍ୱକପ୍‌ରେ ମେକ୍ସିକୋକୁ ପରାସ୍ତ କରି ଇଂଲଣ୍ଡ କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ

---

## ପିଏମ୍-ଭିଜିଟ୍-ଡେପାରେଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୬ ଦିନିଆ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡ ଗସ୍ତ ଆରମ୍ଭ କରିଛନ୍ତି ।

ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋଙ୍କ ଆମନ୍ତ୍ରଣ କ୍ରମେ ସେ ଆଜିଠାରୁ ୮ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆ ଗସ୍ତ କରିବେ । ୨୦୧୮ ମସିହାରେ ଇଣ୍ଡୋନେସିଆ ଗସ୍ତ କାଳରେ ଉଭୟ ଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବା ଉଦ୍ଦେଶ୍ୟରେ ସେ ଏହି ଯାତ୍ରା କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ଇଣ୍ଡୋନେସିଆରେ ପ୍ରବାସୀ ଭାରତୀୟଙ୍କ ସହ ବାର୍ତ୍ତାଳାପ କରିବେ ଏବଂ ରାଷ୍ଟ୍ରପତି ସୁବିଆଣ୍ଟୋଙ୍କ ସହ ଯୋଗକାର୍ତା ଠାରେ ଥିବା ପ୍ରମ୍ବାନନ ମନ୍ଦିର ପରିଦର୍ଶନ କରିବେ ।

ଇଣ୍ଡୋନେସିଆରୁ ଶ୍ରୀ ମୋଦୀ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍‌ଙ୍କ ନିମନ୍ତ୍ରଣକ୍ରମେ ମେଲ୍‌ବୋର୍ଣ୍ଣ ଗସ୍ତ କରିବେ । ଏହି ଗସ୍ତ କାଳରେ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଅଂଶ ଗ୍ରହଣ କରିବା ସହ ପ୍ରତିରକ୍ଷା ଏବଂ ସୁରକ୍ଷା, ବାଣିଜ୍ୟ ଏବଂ ନିବେଶ, ଶିକ୍ଷା, କ୍ରୀଡ଼ା ଆଦି ପ୍ରସଙ୍ଗ ଉପରେ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ମଧ ଶ୍ରୀ ମୋଦୀ ଭାରତୀୟ ସଂପ୍ରଦାୟକୁ ଉଦ୍‌ବୋଧନ ଦେବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ନିଉଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନଙ୍କ ନିମନ୍ତ୍ରଣକ୍ରମେ ଅକ୍‌ଲ୍ୟାଣ୍ଡ ଗସ୍ତ କରିବେ । ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସଂପର୍କର ଅଗ୍ରଗତି ସଂପର୍କରେ ଆଲୋଚନା କରିବେ । ଗତବର୍ଷ ମାର୍ଚ୍ଚ ମାସରେ ନିଉଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଶ୍ରୀ ଲକ୍ସନ ଭାରତ ଗସ୍ତରେ ଆସି ଅର୍ଥନୈତିକ, ବାଣିଜ୍ୟିକ ଏବଂ ବ୍ୟବସାୟିକ ସଂପର୍କ ସୁଦୃଢ଼ୀକରଣ ନେଇ ଆଲୋଚନା କରିଥିଲେ ।

........................................................................

## ଇସି-ବାଇ ଇଲେକ୍ସନ

ନିର୍ବାଚନ କମିଶନ ଆଜି ୩ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । ସେହି ୩ଟି ଆସନ ବିହାର, ଗୁଜରାଟ ଏବଂ ମଧ୍ୟପ୍ରଦେଶରେ ରହିଛି । ବିହାରର ବାଙ୍କିପୁର, ଗୁଜରାଟର ମଞ୍ଜାଲପୁର ଏବଂ ମଧ୍ୟପ୍ରଦେଶର ଦାତିଆ ବିଧାନସଭା ଆସନରେ ଉପନିର୍ବାଚନ ହେବ । ବିଜ୍ଞପ୍ତି ଅନୁଯାୟୀ ଆଜିଠାରୁ ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ଓ ୧୪ ତାରିଖରେ ଯାଞ୍ଚ ଲାଗି ସମୟ ସ୍ଥିର କରାଯାଇଛି । ଏହିସବୁ ଆସନଗୁଡ଼ିକରେ ଚଳିତମାସ ୩୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ।

ବିହାରର ବାଙ୍କିପୁର ଆସନରୁ ନିର୍ବାଚିତ ନୀତିନ ନବୀନ ଇସ୍ତଫା ଦେଇଥିବା ବେଳେ ଗୁଜରାଟର ମଞ୍ଜାଲପୁର ଆସନରୁ ଯୋଗେଶ ଭାଇ ନରନଦାସ ପଟେଲଙ୍କ ପରଲୋକ ଯୋଗୁଁ ସେହି ଆସନ ଖାଲି ପଡ଼ିଛି । ସେହିଭଳି ମଧ୍ୟପ୍ରଦେଶ ଦାତିଆ ଆସନର ପ୍ରାର୍ଥୀ ରାଜେନ୍ଦ୍ର ଭାରତୀଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପରେ ସେହି ଆସନଟି ଖାଲିପଡ଼ିଛି ।

---

## ଶାହା-କୋପରେସନ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ଦେଶର କୋଟି କୋଟି ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିଛି । ଗତ ୫ ବର୍ଷର ବିକାଶମୂଳକ କାର୍ଯ୍ୟକୁ ସ୍ମରଣ କରି ଶ୍ରୀ ଶାହା କହିଛନ୍ତି, ସହକାର ସେ ସମୃଦ୍ଧି ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି । ଆଜି ନୂଆଦିଲ୍ଲୀରେ ସମବାୟ ମନ୍ତ୍ରଣାଳୟର ପଞ୍ଚମ

ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ଆଜିର ଦିନଟି ସମବାୟ କ୍ଷେତ୍ର ସହ ଜଡ଼ିତ ୩୦ କୋଟି ଜନସାଧାରଣ ଏବଂ ୮ ଲକ୍ଷ ୫୦ ହଜାରରୁ ଅଧିକ ସମବାୟ ସଂସ୍ଥା ପାଇଁ ଏକ ଶୁଭ ଦିନ । ସେ କହିଛନ୍ତି, ଆଜିର ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସ୍ୱତନ୍ତ୍ର ସମବାୟ ମନ୍ତ୍ରଣାଳୟ ସ୍ଥାପନ ଲାଗି ନିଷ୍ପତ୍ତି ନେଇଥିଲେ ।

**V/O**

## ବ୍ରିକ୍ସ ୱିମେନ୍ ୱାର୍କିଂ ଗ୍ରୁପ୍

କେରଳର କୋଚିଠାରେ ବ୍ରିକ୍ସ ମହିଳା କାର୍ଯ୍ୟକାରୀ ଗୋଷ୍ଠୀର ଦୁଇଦିନିଆ ବୈଠକ ଆଜିଠାରୁ ଆରମ୍ଭ ହେବ । ଭାରତ ଏହି ବୈଠକର ଆୟୋଜକ ରହିଛି । କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ବରିଷ୍ଠ ଅଧିକାରୀମାନେ ବୈଠକରେ ସମସ୍ତ କ୍ଷେତ୍ରରେ ମହିଳା ସଶକ୍ତୀକରଣ ଏବଂ ମହିଳା ନେତୃତ୍ୱାଧୀନ ବିକାଶ ସହ ଜଡିତ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିବେ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ସଦସ୍ୟ ଦେଶଗୁଡ଼ିକୁ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗକୁ ନେବା ଏବଂ ସହମତି ସୃଷ୍ଟି କରିବା ନେଇ ସୁଯୋଗ ପ୍ରଦାନ କରିବ । ଏହି ମହିଳା କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ୪ଟି ପ୍ରାଥମିକତା କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ସେଗୁଡ଼ିକ ହେଉଛି -ଶାସନ ଓ ନେତୃତ୍ୱରେ ମହିଳା, ମହିଳାମାନଙ୍କ ଡିଜିଟାଲ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ମହିଳା ଉଦ୍ୟୋଗିତା, ଦକ୍ଷତା ବିକାଶ ଓ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣରେ ମହିଳାଙ୍କ ଭୂମିକା । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ବୈଠକ ଆସନ୍ତା ୮ ଏବଂ ୯ ତାରିଖରେ ହେବାକୁ ଥିବା ବ୍ରିକ୍ସ ମହିଳା ମନ୍ତ୍ରୀସ୍ତରୀୟ ବୈଠକ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବ ।

# ରେଲୱେ-ରଥଯାତ୍ରା ସ୍ପେଶାଲ ଟ୍ରେନ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଚଳିତବର୍ଷ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ୩୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ନିୟମିତ ୮୦୦ ଟ୍ରେନ୍ ସହିତ ଅତିରିକ୍ତ ଭାବେ ଏହି ଟ୍ରେନ ଚଳାଚଳ କରିବ । ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆଜି ରଥଯାତ୍ରା ନିମନ୍ତେ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବେ । ସେ କହିଛନ୍ତି, ପୁରୀ ରେଳ ଷ୍ଟେସନରେ ରଥଯାତ୍ରା ସମୟରେ ୩୦ ହଜାର ଯାତ୍ରୀଙ୍କ ରହିବା ଭଳି ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି ।

**V/O**

# ମୁଖାର୍ଜୀ : ଭିପି-ବିର୍ଲା-ଶାହା-ରାଜନାଥ

ବିଶିଷ୍ଟ ଚିନ୍ତାନାୟକ ଏବଂ ଶିକ୍ଷାବିତ୍ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ୧୨୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ବାଚସ୍ପତି ଓ ପ୍ରତିରକ୍ଷାମନ୍ତ୍ରୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ସେ ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍, ଦୂରଦୃଷ୍ଟିସଂପନ୍ନ ରାଜନେତା ଓ ରାଷ୍ଟ୍ରନିର୍ମାତା ଥିଲେ । ଜାତୀୟ ଏକତା ଓ ସଂହତି ପ୍ରତିଷ୍ଠା ଦିଗରେ ଡକ୍ଟର ମୁଖାର୍ଜୀଙ୍କ ବଳିଦାନ ଅତୁଳନୀୟ ଥିଲା ।

ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  କହିଛନ୍ତି ଡକ୍ଟର ମୁଖାର୍ଜୀ ଦେଶର ଏକତା, ଅଖଣ୍ଡତା ଏବଂ ସ୍ୱାଭିମାନ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କ ଜୀବନାଦର୍ଶ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଯୋଗାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଜଣେ ଶିକ୍ଷାବିତ୍ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଡକ୍ଟର ମୁଖାର୍ଜୀଙ୍କ ଅତୁଳନୀୟ ଅବଦାନ ରହିଥିଲା । ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଦିଗରେ ସେ କାର୍ଯ୍ୟ କରିବା ସହିତ ଭାରତକୁ ଆତ୍ମନିର୍ଭର କରିବା ଦିଗରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଡକ୍ଟର ମୁଖାର୍ଜୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି କହିଛନ୍ତି, ଭାରତୀୟ ଜନସଂଘର ସଂସ୍ଥାପକ ଭାବେ ଦେଶର ଏକତା ଓ ଅଖଣ୍ଡତାର ସୁରକ୍ଷା ଦିଗରେ ସେ ନିଜ ଜୀବନ ଉତ୍ସର୍ଗ କରିଥିଲେ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶ ନିର୍ମାତା ଭାବେ  ତାଙ୍କର ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଛନ୍ତି ।

---

## ପିଏମ୍-ଦଲାଇଲାମା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ୯୧ତମ ଜନ୍ମଦିବସରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ

ମୋଦୀ କହିଛନ୍ତି ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ଦିଗରେ ଦଲାଇଲାମାଙ୍କ ବାର୍ତ୍ତା ବିଶ୍ୱର ଜନସାଧାରଣଙ୍କୁ ପ୍ରେରଣା ଯୋଗାଇଥାଏ । ବିଶ୍ୱର ମଙ୍ଗଳ ପାଇଁ ଦଲାଇଲାମାଙ୍କ ଚିନ୍ତନ ଓ ଆଧ୍ୟାତ୍ମିକ ଦୃଢ଼ତା ପ୍ରଶଂସନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ ଦଲାଇଲାମାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି ।

---

## ଖାମନେଇ ପ୍ରସେସନ୍

ଇରାନ ଦିବଂଗତ ସର୍ବୋଚ୍ଚ ନେତା ଅଲ୍ଲୀ ଖାମନେଇଙ୍କ ଅନ୍ତିମ ସଂସ୍କାର ଜାରି ରହିଛି । ୨ ଦିନ ଧରି ବିଦାୟ ସମାରୋହ ପରେ ଆଜି ଅନୁଷ୍ଠିତ ହେଉଥିବା ଅନ୍ତିମ ଯାତ୍ରାରେ ତେହେରାନରେ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଛନ୍ତି । ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ସମୟରେ ଖାମନେଇ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ । ଆଜି ସକାଳେ ଆରମ୍ଭ ହୋଇଥିବା ଅନ୍ତିମ ଶୋଭାଯାତ୍ରା ପ୍ରାୟ ୧୦ ଘଣ୍ଟା ଧରି ଚାଲିବ ବୋଲି ଜଣାପଡ଼ିଛି ।

---

## ଗୌହାଟୀ-ବ୍ରିକ୍ସ ମିଟିଂ

ଆସାମର ଗୁଆହାଟୀରେ ଆଜି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନିଶା ନିରୋଧୀ ସଗଠନ ମୁଖ୍ୟମାନଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି । ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଛନ୍ତି । ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ନିଶା ଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ମହାନିର୍ଦ୍ଦେଶକ ଅନୁରାଗ ଗର୍ଗ କହିଛନ୍ତି, ବ୍ରିକ୍ସର ବିସ୍ତାର ଯୋଗୁଁ ଏହାର ସାମର୍ଥ୍ୟ ବୃଦ୍ଧି ପାଇଛି । ଏବଂ ନିଶାଦ୍ରବ୍ୟ କାରବାର

ଭଳି ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଉଛି । ସେ କହିଛନ୍ତି, ଆଧୁନିକ ନିଶାଦ୍ରବ୍ୟର କାରବାର ନେଟୱର୍କ ସୀମାପାର ଅଞ୍ଚଳରୁ ନିୟନ୍ତ୍ରଣ କରାଯାଉଛି ଏବଂ ଏହା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ସହଯୋଗ ମିଳୁଛି । ଏହି ଅବସରରେ ଶ୍ରୀ ଗର୍ଗ ବ୍ରିକ୍ସ ଆଭାସୀ କାର୍ଯ୍ୟଗୋଷ୍ଠୀ ଗଠନ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି, ଏହି କାର୍ଯ୍ୟଗୋଷ୍ଠୀ ଗଠନ ଦ୍ୱାରା ବ୍ରିକ୍ସ ଦେଶ ସମୂହ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରିବ । ଏବଂ ନିଶାଦ୍ରବ୍ୟ କାରବାର ଉପରେ ତୀକ୍ଷ୍ଣ ନଜର ରଖାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଶ୍ରୀ ଗର୍ଗ କହିଛନ୍ତି ନିଶାଦ୍ରବ୍ୟ କାରବାର ଓ ଏହାର ବ୍ୟବହାର ରୋକିବା ଦିଗରେ ଭାରତ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛି ।

---

## ରୁଷ-ୟୁକ୍ରେନ୍ ଆଟାକ୍

ୟୁକ୍ରେନ୍ ଉପରେ ରୁଷ୍ ପକ୍ଷରୁ କ୍ଷେପଣାସ୍ତ୍ର ଆକ୍ରମଣରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୬ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ତୁର୍କୀରେ ନାଟୋ ସମ୍ମିଳନୀ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଏହି ଘଟଣା ଘଟିଛି । ୟୁକ୍ରେନ୍ ବାୟୁସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରୁଷ ପକ୍ଷରୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ଅନେକଗୁଡ଼ିଏ ବହୁତଳ କୋଠା କ୍ଷତିଗ୍ରସ୍ତ ହେବା ସହ ଅନେକ ଲୋକ ଭଙ୍ଗାରୁଜା ଅଂଶ ତଳେ ଚାପି ହୋଇ ରହିଥିବା ଜଣାପଡ଼ିଛି ।

---

# ଫିଫା

ଫିଫା ବିଶ୍ୱକପ୍‌ରେ ୩-୨ ଗୋଲ୍‌ରେ ମେକ୍ସିକୋକୁ ପରାସ୍ତ କରି ଇଂଲଣ୍ଡ କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହୋଇଛି । ଅନ୍ୟ ଏକ ମ୍ୟାଚ୍‌ରେ ନରୱେଠାରୁ ୨-୧ରେ ପରାସ୍ତ ହେବା ପରେ ବ୍ରାଜିଲର ବରିଷ୍ଠ ଖେଳାଳି ନେମାର ଜୁନିଅର ଖେଳରୁ ଅବସର ଘୋଷଣା କରିଛନ୍ତି ।